# କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ

KONARK NAC
e-mail: nackonark@gmail.com
Phone No.06758-236826

କୋଣାର୍କ, ପୁରୀ ।

ପତ୍ରାଙ୍କ ନଂ 2075 / ତାରିଖ 13/09/2025

## ବିଜ୍ଞାପନ

ଏତଦ୍ୱାରା କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ୧୯ଗୋଟି ଇ-ଅଟୋରିକ୍ସା ଚଳନ କରାଯିବା ପାଇଁ ପୁନର୍ବାର ଏଥିନିମନ୍ତେ ସମସ୍ତ ସ୍ଥାୟୀବାସୀ ମାନଙ୍କ ପାଖରୁ ଦରଖାସ୍ତ ଆହ୍ୱାନ କରାଯାଇଅଛି । ଦରଖାସ୍ତକାରୀ ମାନଙ୍କ ଭିତରେ ସ୍ୱୟଂ ସହାୟକ ଗୋଷ୍ଠୀ / ଟ୍ରାନ୍ସଜେଣ୍ଡର ଗୋଷ୍ଠୀର ସଦସ୍ୟ ମାନଙ୍କୁ ଓ କଳାକାର ତଥା ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଅଗ୍ରାଧିକାର ଦିଆଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ପ୍ରଚଳିତ ଇସ୍ତାହାର ଦ୍ୱାରା ଆବେଦନ କରିପାରିବେ । ଦରଖାସ୍ତକାରୀଙ୍କର ବୟସ ସୀମା ୧୮-୬୦ ବର୍ଷ ମଧ୍ୟରେ ହୋଇଥିବ ଓ କୌଣସି ଫୌଜଦାରୀ ମକଦ୍ଦମା ସହିତ ଜଡ଼ିତ ନଥିବେ । ଆବେଦନକାରୀଙ୍କ ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ ଏବଂ ସେ କୌଣସି ସରକାରୀ ଚାକିରୀ କରିନଥିବେ କିମ୍ବା ସରକାରଙ୍କ କୌଣସି ଲାଭଦାୟକ ସଂସ୍ଥା ତଥା PSU ଆଦି ମାନଙ୍କରେ ଜଡ଼ିତ ନଥିବେ ବା ପେନସନଧାରୀ ହୋଇନଥିବେ । ଆବେଦନକାରୀଙ୍କ Driving License ଥିବା ଜରୁରୀ ଅଟେ । ଯଦି ଅଗ୍ରାଧିକାର ସଦସ୍ୟମାନେ ମନୋନୀତ ନ ହୋଇପାରିବେ, ତେବେ ଅନ୍ୟ ଦରଖାସ୍ତକାରୀ ମାନଙ୍କ ଭିତରୁ ଲଟେରୀ ଉଠାଣ ମାଧ୍ୟମରେ ମନୋନୀତ କରାଯାଇ ଇ-ରିକ୍ସା ବଣ୍ଟନ କରାଯିବ । ପ୍ରକାଶଥାଉକି ପୂର୍ବରୁ ଆବେଦନ କରିଥିବା ଦରଖାସ୍ତକାରୀଙ୍କ ଆବେଦନକୁ ବିଚାରକୁ ନିଆଯିବ ।

ଦରଖାସ୍ତକାରୀ ମାନେ ତା.୧୪.୦୯.୨୦୨୫ରିଖ ଠାରୁ ତା.୨୬.୦୯.୨୦୨୫ରିଖ ମଧ୍ୟରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯିବ ନାହିଁ । ଏହାର ସବିଶେଷ ତଥ୍ୟ www.nac.konark.in ଓ https://puri.odisha.gov.inରେ ଉପଲବ୍ଧ ଅଛି ।

(Signed) 13/09/2025
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଣାର୍କ

ପରିପତ୍ର ସଂ 2077 / ତା 13/09/2025

ଏହାର ଏକକିତା ନକଲ District-e-Governance Manager, Puri (DeGM)ଙ୍କୁ https://puri.odisha.gov.in ୱେବସାଇଟ୍‌ରେ ପ୍ରକାଶନ ପାଇଁ ଆବେଦନ କରାଗଲା ।

(Signed) 13/09/2025
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଣାର୍କ